**ବିଦ୍ୟାଳୟ ପାଇଁ ନେତୃତ୍ୱ ପ୍ରଦାନ: ଶିକ୍ଷା ଓ ଶିକ୍ଷଣ ପାଇଁ ମାର୍ଗଦର୍ଶନ**

| ଓଡ଼ିଆ |
|---|
| ପୂର୍ବରୁ ଶିକ୍ଷକମାନେ ପାଠ ପଢ଼ାଇବା ପାଇଁ ଭାଷଣ ପ୍ରଦାନ କରୁଥିଲେ। ଭାଷଣ ପଦ୍ଧତି ଆରମ୍ଭ ହେଲା ବେଳେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଦଳରେ ବିଭାଜନ କରାଯାଇଥିଲା ଓ ସେମାନେ ସେହି ସ୍ଥାନରେ ଏକା ସାଙ୍ଗରେ ବସି, ନିଜର ବକ୍ତବ୍ୟ ଉପସ୍ଥାପନ କରନ୍ତି। ଏହି ପଦ୍ଧତିକୁ ଆଉ ଟିକେ ଉନ୍ନତ କରି, ମୁଁ ପିଲାମାନଙ୍କୁ କଳାପଟାରେ ବୁଝାଇବା ପାଇଁ ଉତ୍ସାହିତ କଲି।<br>ସେମାନେ ନିଜେ ତାଙ୍କର ଦଳ ଗଠନ କଲେ ଏବଂ କଳାପଟା ଦ୍ୱାରା ଉପସ୍ଥାପନ କଲେ। ପ୍ରତି ପିଲାକୁ ନିଜର ମନ୍ତବ୍ୟ ଉପସ୍ଥାପନ କରିବା ପାଇଁ, ସୁଯୋଗ ଦେବା ମୋର ଉଦ୍ଦେଶ୍ୟ ଥିଲା।<br>ପିଲାମାନେ ଲାଜକୁଳା ହେବା ବା ଚୁପଚାପ୍ ବସି ରହିବା ଅନୁଚିତ୍ । ଆମେ ଶ୍ରେଣୀଗୃହରେ ଭାଷଣ ପଦ୍ଧତି ଚାହୁଁନା। ଏହା ପରିବର୍ତ୍ତେ ପିଲାମାନଙ୍କ ଉପସ୍ଥାପନଗୁଡ଼ିକୁ ଆମେ ଅଗ୍ରାଧିକାର ଦେଉ।<br>ସେମାନେ ବିଷୟବସ୍ତୁରୁ ଯାହା ବୁଝିଛନ୍ତି, ତାକୁ କଳାପଟାରେ ବୁଝାଇ, ନିଜେ ସେ ବିଷୟକୁ ଉପସ୍ଥାପନ କରିବା ଉଚିତ୍। ଆମେ ଶିକ୍ଷକମାନଙ୍କୁ ପଚାରୁ, ଯେ ସେମାନେ ସେମାନଙ୍କର ପାଠ୍ୟକ୍ରମ ଶେଷ କରିଛନ୍ତି କି, ଓ ପିଲାମାନେ ତାହାକୁ ଶିକ୍ଷା କରିଛନ୍ତି କି ? ଶିକ୍ଷକ ଯାହା କହୁଛନ୍ତି ତାକୁ ସେମାନେ ବୁଝି ପାରିଛନ୍ତି କି, ସୁନିଶ୍ଚିତ କରିବା ପାଇଁ ମୁଁ ପିଲାଙ୍କ ପାଖକୁ ଯାଇ ପଚାରିଥାଏ। ପ୍ରକୃତରେ ଉଭୟ ପକ୍ଷରେ କଣ ହେଉଛି ତାହା ମୁଁ ଜାଣିବାକୁ ଚେଷ୍ଟା କରେ।<br>ଶିକ୍ଷକମାନେ ଠିକ୍ ଭାବେ ବୁଝାଇଛନ୍ତି କି, ଏବଂ ପିଲାମାନେ ଅଧିକ ବୁଝାଯିବା ଆବଶ୍ୟକ କରୁଛନ୍ତି, ସେ କଥା ମୁଁ ତାଙ୍କୁ ପଚାରିଥାଏ। ଯଦିଓ ଶିକ୍ଷକ ଏହା ଅଧିକ ବୁଝାଇବା କଥା, ତଥାପି ମୁଁ ସେମାନଙ୍କୁ କଡ଼ା ଭାବେ ଭର୍ତ୍ସନା କରେ ନାହିଁ। |